# ଅଧ୍ୟାୟ-୮ : ପାଣ୍ଠି ଯୋଗାଣ

## ୮.୧ ବିତ୍ତୀୟ ପ୍ରଣାଳୀ

୮.୧.୧ କେନ୍ଦ୍ର ସରକାର ନିମ୍ନୋକ୍ତ ବ୍ୟୟମାନ ବହନ କରିବେ -

(ଏ) ଅଣକୁଶଳୀ ଶାରିରୀକ ଶ୍ରମ ପାଇଁ ମଜୁରି ବାବଦରେ ସମସ୍ତ ଖର୍ଚ୍ଚ ।

(ବି) ସାମଗ୍ରୀ ବାବଦରେ ବ୍ୟୟ ଓ କୁଶଳୀ ଏବଂ ଅର୍ଦ୍ଧକୁଶଳୀ ଶ୍ରମିକମାନଙ୍କ ମଜୁରିବାବଦରେ ବ୍ୟୟର ସମୁଦାୟ ପରିମାଣର ଶତକଡା ୭୫ ଭାଗ ।

(ସି) କେନ୍ଦ୍ର ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା ପ୍ରଶାସନିକ ବ୍ୟୟ । ଏଥିମଧ୍ୟରେ ଅନ୍ୟାନ୍ୟ ବ୍ୟୟ ସହିତ ଅନ୍ତର୍ଭୁକ୍ତ ରହିବ କାର୍ଯ୍ୟକ୍ରମ ଅଧିକାରୀ ଓ ସହାୟକ କର୍ମଚାରୀମାନଙ୍କ ଦରମା ଓ ଭତ୍ତାସମୂହ ଏବଂ କାର୍ଯ୍ୟସ୍ଥଳୀର ସୁବିଧାସୁଯୋଗ ବାବଦରେ ବ୍ୟୟ ।

(ଡି) କେନ୍ଦ୍ରୀୟ କର୍ମନିଯୁକ୍ତି ଗ୍ୟାରେଣ୍ଟି ପରିଷଦର ପ୍ରଶାସନିକ ବ୍ୟୟ ।

୮.୧.୨ ରାଜ୍ୟ ସରକାର ନିମ୍ନୋକ୍ତ ବ୍ୟୟମାନ ବହନ କରିବେ –

(ଏ) ସାମଗ୍ରୀ ଓ କୁଶଳୀ ଏବଂ ଅର୍ଦ୍ଧକୁଶଳୀ ଶ୍ରମିକମାନଙ୍କ ମଜୁରି ବାବଦରେ ସମୁଦାୟ ବ୍ୟୟର ଶତକଡା ୨୫ ଭାଗ ।

(ବି) ଆବେଦନ ମିଳିବାର ୧୫ ଦିନ ମଧ୍ୟରେ ଯଦି ରାଜ୍ୟ ସରକାର ମଜୁରି ଶ୍ରମ ଯୋଗାଇ ଦେଇ ନପାରନ୍ତି, ତେବେ ପ୍ରାପ୍ୟ ବେକାରୀ ଭତ୍ତା ।

(ସି) ରାଜ୍ୟ କର୍ମନିଯୁକ୍ତି ଗ୍ୟାରେଣ୍ଟି ପରିଷଦର ପ୍ରଶାସନିକ ବ୍ୟୟ ।

## ୮.୨ କର୍ମନିଯୁକ୍ତି ଗ୍ୟାରେଣ୍ଟି ପାଣ୍ଠି

୮.୨.୧ କେନ୍ଦ୍ର ସରକାର ଜାତୀୟ କର୍ମନିଯୁକ୍ତି ଗ୍ୟାରେଣ୍ଟି ପାଣ୍ଠି ନାମରେ ଏକ ପାଣ୍ଠି ପ୍ରତିଷ୍ଠା କରିବେ, ଯାହାକି ଏହି ଉଦ୍ଦେଶ୍ୟରେ ପ୍ରଣୀତ ନିୟମାବଳୀ ଦ୍ୱାରା ପରିଚାଳିତ ହେବ । ଏନ୍.ଆର୍.ଇ.ଜି.ଏ. ର କାର୍ଯ୍ୟାନ୍ୱୟନ ପାଇଁ ରାଜ୍ୟସରକାରମାନଙ୍କୁ ବା ଜିଲ୍ଲାମାନଙ୍କୁ ଏହି ପାଣ୍ଠିରୁ ଅର୍ଥ ଯୋଗାଇ ଦିଆଯିବ ।

୮.୨.୨ ରାଜ୍ୟ ସରକାର ବିଜ୍ଞପ୍ତି ବଳରେ ରାଜ୍ୟ କର୍ମନିଯୁକ୍ତି ଗ୍ୟାରେଣ୍ଟି ପାଣ୍ଠି ନାମରେ ଏକ ପାଣ୍ଠି ପ୍ରତିଷ୍ଠା କରିପାରନ୍ତି । ଏହି ପାଣ୍ଠିକୁ ଏକ ଚକ୍ରାକାର (ରିଭଲଭିଙ୍ଗ୍) ପାଣ୍ଠି ରୂପେ ଉପଯୋଗ ଏବଂ ପରିଚାଳନା କରାଯିବ ଏବଂ ଏଥି ପାଇଁ ସେହି ପ୍ରକାର ନିୟମାବଳୀ ଲାଗୁ ହେବ, ଯାହାକି ଆଇନ୍‌ର ଉଦ୍ଦେଶ୍ୟ ପୂର୍ତ୍ତୀ ପାଇଁ ଏହାର ବିନିଯୋଗକୁ ନିଶ୍ଚିତ କରିପାରୁଥିବ ।

୮.୨.୩ ସେଭଳି ଧରଣର ଚକ୍ରାକାର ପାଣ୍ଠିମାନ ଏନ୍.ଆର୍.ଇ.ଜି.ଏସ୍. ଅଧୀନରେ ଜିଲ୍ଲା, ବ୍ଲକ୍ ଓ ଗ୍ରାମ ପଞ୍ଚାୟତ ସ୍ତରରେ ଗଠିତ ହେବା ଉଚିତ୍ ।

୮.୨.୪ ରାଜ୍ୟ ସରକାର ପାଣ୍ଠିର ସରବରାହ ଏବଂ ବ୍ୟବହାରର ସୁବିଧା ପାଇଁ ଏକ ସୁସମ୍ପୂର୍ଣ୍ଣ ବିତ୍ତୀୟ ପରିଚାଳନା ବ୍ୟବସ୍ଥା ପ୍ରଣୟନ କରିବେ । ଏହା ଦ୍ୱାରା ଧାର୍ଯ୍ୟ ହୋଇଥିବା ଚୂଡାନ୍ତ ଫଳ ହାସଲ ଦିଗରେ ପାଣ୍ଠିର ବିନିଯୋଗ ପ୍ରକ୍ରିୟାରେ ସ୍ୱଚ୍ଛତା, ଦକ୍ଷତା ଏବଂଉତ୍ତରଦାୟିତ୍ୱ ତଥା ଏହାର ବିନିଯୋଗର ଗତିପଥ ଉପରେ ନିୟନ୍ତ୍ରଣକୁ ସୁନିଶ୍ଚିତ କରିହେବ ।

୮.୨.୫ ସ୍କିମ୍ ଅଧୀନରେ ପରିଚାଳିତ ପାଣ୍ଠିଗୁଡିକ ପାଇଁ ରାଜ୍ୟ, ଜିଲ୍ଲା ଓ ବ୍ଲକ୍ ସ୍ତରରେ ଅଲଗା ଅଲଗା ଆକାଉଣ୍ଟ ଖୋଲାଯିବ । ସର୍ବସାଧାରଣ କ୍ଷେତ୍ରର ବ୍ୟାଙ୍କଗୁଡିକରେ ଏହି ଆକାଉଣ୍ଟ୍ ସବୁ ଖୋଲାଯିବ ।

୮.୨.୬ ଏନ୍.ଆର୍.ଇ,ଜି.ଏସ୍. ଅଧୀନରେ ମିଳୁଥିବା ଅର୍ଥରାଶିକୁ କୌଣସି ପରିସ୍ଥିତିରେ ଅନ୍ୟ କୌଣସି ଉଦ୍ଦେଶ୍ୟ ପାଇଁ ବ୍ୟବହାର କରାଯାଇ ପାରିବ ନାହିଁ ।

## ୮.୩ ପାଣ୍ଠି ନିର୍ଗମନ (ରିଲିଜ୍)

୮.୩.୧ ଗ୍ରାମାଞ୍ଚଳ କର୍ମନିଯୁକ୍ତି ଗ୍ୟାରେଣ୍ଟି ସ୍କିମ୍ ଏହି ଦୃଷ୍ଟିରୁ ଏସ୍.ଜି.ଆର୍.ଓ୍ୱାଇ. ଠାରୁ ଭିନ୍ନ ଯେ, ଆଗଭଳି ପୂର୍ବ-ନିର୍ଦ୍ଧାରିତ ଅର୍ଥ-ବରାଦ ବଦଳରେ ବର୍ତ୍ତମାନ ରାଜ୍ୟର ପ୍ରସ୍ତାବଗୁଡିକ ଭିତ୍ତିରେ ପାଣ୍ଠି ନିର୍ଗମନ ନିର୍ଭର କରିବ ।

୮.୩.୨ ଗ୍ରାମାଞ୍ଚଳ ବିକାଶ ମନ୍ତ୍ରଣାଳୟର ନିର୍ଦ୍ଧାରଣ କ୍ରମେ ଏନ୍.ଆର୍.ଇ.ଜି.ଏ. ଅଧୀନରେ ବିଜ୍ଞାପିତ ହୋଇଥିବା ବୀଜ ପାଣ୍ଠି ପ୍ରଥମେ ଗୋଟିଏ ଜିଲ୍ଲାକୁ ନିର୍ଗମନ (ରିଲିଜ୍ ) କରାଯିବ । ପରବର୍ତ୍ତୀ ରିଲିଜ୍ ଗୁଡିକ ଶ୍ରମ ବଜେଟ୍‌ର ଦାଖଲ ଉପରେ ନିର୍ଭର କରିବ । କାର୍ଯ୍ୟକ୍ରମ ଅଧିକାରୀଙ୍କୁ ଅବଗତି ସହିତ ଜିଲ୍ଲା ସ୍ତରରୁ ସିଧାସଳଖ ଗ୍ରାମ ପଞ୍ଚାୟତକୁ ପାଣ୍ଠି ଯୋଗାଇ ଦିଆଯାଇପାରେ । ମନ୍ତ୍ରଣାଳୟ, ରାଜ୍ୟ ଏବଂ ଜିଲ୍ଲାମାନଙ୍କରୁ ପାଣ୍ଠି ସରବରାହ ବିଷୟରେ ଅନ୍‌ଲାଇନ୍ ତଥ୍ୟାବଳୀ ଦରଜ କରିବାକୁ ହେଲେ ଓ୍ୱେବ୍‌ସାଇଟ୍ http://nrega.nic.in ରେ ପହଞ୍ଚି 'ଡାଟା ଏଣ୍ଟ୍ରି ଅପ୍‌ସନ୍' ବ୍ୟବହାର କରିବାକୁ ପଡିବ ।

## ୮.୪ ଶ୍ରମ ବଜେଟ୍

ଏନ୍.ଆର୍.ଇ.ଜି.ଏ. ର ଅଧ୍ୟାୟ-୪ରେ ଧାରା ୧୪ ଅଧୀନସ୍ଥ ଉପଧାରା (୬)ରେ କୁହାଯାଇଛି ଯେ, *ପ୍ରତିବର୍ଷ ଡିସେମ୍ବର ମାସରେ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ଅଗାମୀ ଆର୍ଥିକ ବର୍ଷ ପାଇଁ ଏକ ଶ୍ରମ ବଜେଟ୍ ପ୍ରସ୍ତୁତ କରିବେ, ଯେଉଁଥିରେ ଅଣ-କୁଶଳୀ ଶାରିରୀକ ଶ୍ରମ ପାଇଁ ସମ୍ଭାବ୍ୟ ଚାହିଦାର ସବିଶେଷ ତଥ୍ୟାବଳୀ ତଥା ସ୍କିମ୍ ଅଧୀନରେ ବିଭିନ୍ନ ଅନୁମୋଦନୀୟ କାର୍ଯ୍ୟରେ ଶ୍ରମିକମାନଙ୍କୁ ନିଯୁକ୍ତ କରିବାର ଯୋଜନା ସ୍ଥାନିତ ହୋଇଥିବ* । ଶ୍ରମ ବଜେଟ୍‌ରେ ଭବିଷ୍ୟତ ପାଇଁ ପ୍ରକ୍ଷେପିତ ଆକଳନକୁ ଭିତ୍ତି କରି ଗ୍ରାମାଞ୍ଚଳ ବିକାଶ ମନ୍ତ୍ରଣାଳୟ ଆବଶ୍ୟକ ପଡୁଥିବା ପାଣ୍ଠିର ଆକଳନ କରିବେ । ଶ୍ରମ ବଜେଟ୍‌ଗୁଡିକୁ ଅନୁଧ୍ୟାନ କରି ତଥା ପୂର୍ବେ ରିଲିଜ୍ ହୋଇଥିବା ପାଣ୍ଠିର ବିନିଯୋଗ ସ୍ଥିତିକୁ ଦୃଷ୍ଟିରେ ରଖି କେନ୍ଦ୍ରୀୟ ପାଣ୍ଠି ମଞ୍ଜୁର କରାଯିବ ।

ଜିଲ୍ଲା ସ୍ତରରେ ପ୍ରସ୍ତୁତ ଏବଂ ଅନୁମୋଦିତ ହୋଇଥିବା ଶ୍ରମ ବଜେଟ୍‌ରେ କର୍ମନିଯୁକ୍ତି ପାଇଁ ଚାହିଦାର ପରିମାଣ ସମ୍ବନ୍ଧରେ ଏକ ଆକଳନ, ସୃଷ୍ଟି ହେବାକୁ ଥିବା କର୍ମଦିବସ ସମ୍ବନ୍ଧରେ ଆକଳନ ଏବଂ ଏହି ଚାହିଦାକୁ ପୂରଣ ପାଇଁ ଆବଶ୍ୟକ ପଡୁଥିବା ପାଣ୍ଠି ସମ୍ବନ୍ଧରେ ଏକ ଆକଳନ ସୂଚୀତ ହୋଇଥିବା ଆବଶ୍ୟକ । ଏହା (ଶ୍ରମ ବଜେଟ୍) ପ୍ରତି ବର୍ଷ ଅତି ବେଶୀ ୩୧ ଜାନୁଆରୀ ସୁଦ୍ଧା ପରବର୍ତ୍ତୀ ଆର୍ଥିକ ବର୍ଷ ପାଇଁ ଭାରତ ସରକାରଙ୍କ ନିକଟରେ ଦାଖଲ ହେବା ଉଚିତ୍ । ପ୍ରତି ରାଜ୍ୟର ସଚୀବମାନେ ନିଜ ନିଜ ରାଜ୍ୟର ସମସ୍ତ ଏନ୍.ଆର୍.ଇ.ଜି.ଏ. ଜିଲ୍ଲାପାଇଁ ଶ୍ରମ ବଜେଟ୍ ନିର୍ଦ୍ଧାରିତ ସମୟ ଭିତରେ ଦାଖଲ କରାଯିବାକୁ ସୁନିଶ୍ଚିତ କରିବା ଦରକାର । ଯେଉଁ ପ୍ରରୂପ (ଫର୍ମାଟ୍)ରେ ଗ୍ରାମାଞ୍ଚଳ ବିକାଶ ମନ୍ତ୍ରଣାଳୟ ନିକଟରେ ଶ୍ରମ ବଜେଟ୍ ଦାଖଲ କରିବାକୁ ହେବ ସେ ବିଷୟରେ ଅନୁଚ୍ଛେଦ ୮.୪.୫ରେ ବୁଝେଇ ଦିଆଯାଇଛି ।

ଶ୍ରମ ପାଇଁ ଚାହିଦାର ଆକଳନ କ୍ଷେତ୍ରରେ ବାସ୍ତବବାଦୀ ହେବାକୁ ପଡିବ ଏବଂ ଏହା ଗତବର୍ଷ ପ୍ରକୃତ ପକ୍ଷେ କେତେ ପରିବାର କାର୍ଯ୍ୟ ଦାବୀ କରିଥିଲେ, କେତେ ଦିନ ପାଇଁ ଦାବୀ କରିଥିଲେ, ଏବଂ ପ୍ରତି କାର୍ଯ୍ୟ ଦିବସ ପିଛା ଖର୍ଚ୍ଚର ପରିମାଣ, ତହିଁର ପାଖାପାଖି ହେବା ଉଚିତ୍ । ଶ୍ରମ ପାଇଁ ଚାହିଦା କ୍ଷେତ୍ରରେ ମାତ୍ରାତିରିକ୍ତ ବୃଦ୍ଧି ଘଟିବ ବୋଲି ଯଦି ଆକଳନ କରାଯାଇଥାଏ, ତେବେ ଶ୍ରମ ବଜେଟ୍ ସହିତ ସଂପୃକ୍ତ ଜିଲ୍ଲା ତହିଁର ପ୍ରକୃତ ଯଥାର୍ଥତା ବର୍ଣ୍ଣନାତ୍ମକ ଢଙ୍ଗରେ ସ୍ପଷ୍ଟ ଭାବେ ଦର୍ଶାଇବାକୁ ପଡିବ । ଏହାପରେ ଯେଉଁ ସବୁ ମାସ ପାଇଁ ଆକଳନ କରାଯାଇଛି ସେହିସବୁ ମାସରେ ପୂର୍ବରୁ ପରିଲକ୍ଷିତ ହୋଇଥିବା ପ୍ରକୃତ ଗତିବିଧିର ଆଧାରରେ ପ୍ରକ୍ଷେପିତ ଚାହିଦାର ଯଥାର୍ଥତା ପ୍ରତିପାଦନ କରିବାକୁ ପଡିବ । ଯଦି ପୂର୍ବରୁ ପରିଲକ୍ଷିତ ହୋଇଥିବା ମାସିକ ଗତିବିଧି ଭିତ୍ତିରେ ବର୍ତ୍ତମାନର ଆକଳନ ଯୁକ୍ତିଯୁକ୍ତ ବୋଲି ପ୍ରତିପାଦିତ ହେଉନଥାଏ, (ଅର୍ଥାତ୍ ତାହା ଆକଳନ ଠାରୁ ବେଶୀ ବା କମ୍ ହୋଇଥିବ), ତେବେ ଦୁଇଟି ଭିତରେ ଥିବା ବ୍ୟବଧାନ ସମ୍ବନ୍ଧରେ ଜିଲ୍ଲା ସ୍ତରରେ ସମୀକ୍ଷା ଓ ବିଶ୍ଳେଷଣ ହୋଇଥିବା ଜରୁରୀ ଅଟେ ।

ଗ୍ରାମାଞ୍ଚଳ ବିକାଶ ମନ୍ତ୍ରଣାଳୟର ସଚ୍ଚୀବଙ୍କ ଅଧୀନରେ ଗଠିତ ଏକ କ୍ଷମତା ସଂପନ୍ନ କମିଟି ରାଜ୍ୟ ସଚ୍ଚୀବମାନଙ୍କ ସହ ପରାମର୍ଶ କରି ଜିଲ୍ଲା ଶ୍ରମ ବଜେଟ୍‌ଗୁଡିକର ଅନୁଧ୍ୟାନ ତଥା ଅନୁମୋଦନ କରିବେ । ମନ୍ତ୍ରଣାଳୟକୁ ମିଳିଥିବା ରାଜ୍ୟସ୍ତରୀୟ ଶ୍ରମ ବଜେଟ୍‌ଗୁଡିକୁ ଯାଞ୍ଚ କରିବାକୁ ପଡିବ ଏବଂ ଯଦି ସେସବୁଥିରେ କୌଣସି ସମସ୍ୟା ଥାଏ ତେବେ ସେ ବିଷୟରେ ସ୍ୱଷ୍ଟୀକରଣ ବା ପୁନର୍ବିଚାର ପାଇଁ ସଂପୃକ୍ତ ରାଜ୍ୟ ସହିତ ଯୋଗାଯୋଗ କରାଯିବ । ସୂଚୀତ ହୋଇଥିବା ସମସ୍ୟାଗୁଡିକ ଉପରେ ରାଜ୍ୟମାନେ ସେମାନଙ୍କର ଉତ୍ତର ଜଣାଇବେ ବୋଲି ଆଶା କରାଯାଏ ଏବଂ ତାହା ହୋଇ ପାରିଲେ ଶ୍ରମ ବଜେଟ୍ ଗୁଡିକର ଚୂଡାନ୍ତୀକରଣ ଦିଗରେ ଆଗେଇବା ସମ୍ଭବ ହୋଇ ପାରିବ । କ୍ଷମତା ସମ୍ପନ୍ନ କମିଟି ମଞ୍ଜୁର ହେବାକୁ ଅର୍ଥରାଶି ଉପରେ ନିଷ୍ପତ୍ତି ଗ୍ରହଣ କରିବେ ।

ଶ୍ରମ ବଜେଟ୍‌କୁ ନିମ୍ନୋକ୍ତ ବିଷୟଗୁଡିକ ଆଧାରରେ ମୂଲ୍ୟାୟନ କରାଯିବ ।

**୮.୪.୧ (ଏ) କର୍ମନିଯୁକ୍ତି ଦାବୀ କରୁଥିବା ଗ୍ରାମୀଣ ପରିବାର ସଂଖ୍ୟା ଏବଂ ପରିବାର ପିଛା କାର୍ଯ୍ୟଦିବସ ସୃଷ୍ଟି ସମ୍ବନ୍ଧରେ ଆକଳନ-**

୧) ଗତ ଆର୍ଥିକ ବର୍ଷରେ ପରିଲକ୍ଷିତ ହୋଇଥିବା ପରିବାରମାନଙ୍କର ଚାହିଦା ତୁଳନାରେ ଯେଉଁ ବର୍ଦ୍ଧିତ ଚାହିଦା ଦର୍ଶିତ ହୋଇଛି, ତାହା ଯୁକ୍ତିଯୁକ୍ତ ହୋଇଥିବା ଆବଶ୍ୟକ ତଥା ଜିଲ୍ଲାରେ ଅତୀତ ଓ ବର୍ତ୍ତମାନର ଗତିବିଧିର ଭିତ୍ତି ଉପରେ ଆଧାରିତ ହୋଇଥିବା ଆବଶ୍ୟକ ।

୨) ପରିବାମାନଙ୍କ ଚାହିଦା/ କାର୍ଯ୍ୟଦିବସ ସଂଖ୍ୟାରେ ଅତିରିକ୍ତ ବୃଦ୍ଧି ଘଟିବ ବୋଲି ଯଦି ଦର୍ଶିତ ହୋଇଥାଏ ତେବେ ତହିଁର ଯଥାର୍ଥତା ଜିଲ୍ଲାମାନଙ୍କ ଦ୍ୱାରା ପ୍ରତିପାଦିତ ହେବା ଆବଶ୍ୟକ । ଯଦି କୌଣସି ଯଥାର୍ଥତା ଦର୍ଶିତ ହୋଇନଥାଏ ତେବେ କ୍ଷମତା ସମ୍ପନ୍ନ କମିଟି ରାଜ୍ୟ ସଚ୍ଚୀବଙ୍କ ସହ ଆଲୋଚନା କରି ଏକ ଯୁକ୍ତିସଂଗତ ଚୂଡାନ୍ତ ଆକଳନରେ ଉପନୀତ ହେବେ ।

୩) ପ୍ରକ୍ଷେପିତ ପରିସଂଖ୍ୟାନ ଗୁଡିକ ଏପରି ପ୍ରସ୍ତୁତ ହୋଇଥିବା ଆବଶ୍ୟକ, ଯାହା ଫଳରେ ଯେଉଁ ଆର୍ଥିକ ବର୍ଷର ସଂପୃକ୍ତ ମାସଗୁଡିକ ପାଇଁ ଶ୍ରମ ବଜେଟ୍ ପ୍ରସ୍ତୁତ ହୋଇଛି, ସେହି ସମୟରେ ଶ୍ରମ ପାଇଁ ଚାହିଦା ଏବଂ କର୍ମନିଯୁକ୍ତି ଯୋଗାଣ କ୍ଷେତ୍ରରେ ପରିଲକ୍ଷିତ ହୋଇଥିବା ପ୍ରକୃତ ଗତିବିଧି ଆଧାରରେ ଉକ୍ତ ପରିସଂଖ୍ୟାନ ଯଥାର୍ଥ ବୋଲି ସାବ୍ୟସ୍ତ ହୋଇପାରୁଥିବ । ଯଦି ସଂପୃକ୍ତ ମାସଗୁଡିକରେ ପୂର୍ବରୁ ପରିଲକ୍ଷିତ ହୋଇଥିବା ଗତିବିଧି ବର୍ତ୍ତମାନର ଆକଳନକୁ ଯଥାର୍ଥ ବୋଲି ସାବ୍ୟସ୍ତ କରିନଥାଏ (ଅର୍ଥାତ୍ ତାହା ଆକଳନ ଠାରୁ କମ୍ ବା ବେଶୀ ହୋଇଥିବ), ତେବେ ଦୁଇଟି ଭିତରେ ଥିବା ବ୍ୟବଧାନ ସମ୍ବନ୍ଧରେ ଜିଲ୍ଲା ସ୍ତରରେ ସମୀକ୍ଷା ଓ ବିଶ୍ଳେଷଣ ହୋଇଥିବା ଜରୁରୀ ଅଟେ । ଜିଲ୍ଲା ଶ୍ରମ ବଜେଟ୍ ଗୁଡିକୁ ତଦନୁଯାୟୀ ସଂଶୋଧନ କରାଯାଇପାରେ ।

**୮.୪.୧(ବି) କାର୍ଯ୍ୟଦିବସ ପିଛା ଖର୍ଚ୍ଚ-**

୧) ଆଇନ୍ ଅନୁଯାୟୀ ସର୍ବନିମ୍ନ ମଜୁରୀ ଆଇନ୍ ୧୯୪୮ର ଧାରା ୩ ଅଧୀନରେ କୃଷି ଶ୍ରମିକଙ୍କ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା ବା କେନ୍ଦ୍ର ଦ୍ୱାରା ବିଜ୍ଞାପିତ ହୋଇଥିବା ସର୍ବନିମ୍ନ ମଜୁରୀ ପାଇବା ପାଇଁ ଜଣେ ଶ୍ରମିକ ହକ୍‌ଦାର ।

୨) କେନ୍ଦ୍ର ସରକାରଙ୍କ ଦାୟିତ୍ୱ ହେଲା- ଅଣକୁଶଳୀ ଶ୍ରମିକଙ୍କ ମଜୁରୀର ଶତକଡା ୧୦୦, ସାମଗ୍ରୀ ଖର୍ଚ୍ଚର ଶତକଡା ୭୫ ଏବଂ ଆନୁଷଙ୍ଗିକ ଖର୍ଚ୍ଚର ଶତକଡା ୪ ।

୩) ଚଳିତ ଆର୍ଥିକ ବର୍ଷରେ ପ୍ରତି କାର୍ଯ୍ୟଦିବସ ପିଛା ପ୍ରକୃତ ଖର୍ଚ୍ଚକୁ ପାଣ୍ଠିର ଆବଶ୍ୟକତାକୁ ଆକଳନ କଲାବେଳେ ହିସାବର ଆଧାର ରୂପେ ଗ୍ରହଣ କରିବା ଉଚିତ୍ ।

୪) ଯେଉଁସ୍ଥଳେ ଶ୍ରମର ଚାହିଦାକୁ ନେଇ ଆକଳନ ଯୁକ୍ତିଯୁକ୍ତ ବୋଲି ମନେ ହେବ ସେପରି ସ୍ଥଳେ ଗ୍ରାମାଞ୍ଚଳ ବିକାଶ ମନ୍ତ୍ରଣାଳୟ ଆକଳିତ ହୋଇଥିବା ଅର୍ଥରାଶି ତଥା ପ୍ରଶାସନିକ ଖର୍ଚ୍ଚର କେନ୍ଦ୍ରୀୟ ଭାଗକୁ ଦୁଇଟି କିସ୍ତିରେ ବିତରଣ କରିବେ ।

### ୮.୪.୨ ପ୍ରଥମ କିସ୍ତି-

୧) ଶ୍ରମ ବଜେଟ୍ ପାଇଁ ଚୂଡାନ୍ତ ହୋଇଥିବା ଅର୍ଥରାଶିକୁ ନୀତିଗତ ଅନୁମୋଦନ ଦିଆଯିବ ।

୨) ଜିଲ୍ଲା ଶ୍ରମ ବଜେଟ୍‌ରେ ବର୍ଷର ପ୍ରଥମ ଛ ମାସ (ସେପ୍ଟେମ୍ବର ଶେଷ ଯାଏଁ) ପାଇଁ ଆକଳିତ ହୋଇଥିବା କାର୍ଯ୍ୟଦିବସ ସଂଖ୍ୟା ଅନୁପାତରେ ପ୍ରଥମ କିସ୍ତିର ଆକାର ନିର୍ଭର କରିବ । କିନ୍ତୁ ଯାହା ହେଲେ ବି ଏହା ଶ୍ରମ ବଜେଟ୍ ପାଇଁ ଅନୁମୋଦିତ ହୋଇଥିବା ମୋଟ୍ ଅର୍ଥରାଶିର ଶତକଡା ୫୦ଭାଗଠାରୁ ଅଧିକ ହେବ ନାହିଁ ।

୩) ଖର୍ଚ୍ଚ ହୋଇ ନପାରି ବଳକା ଥିବା ଅର୍ଥରାଶି ଏବଂ ଜିଲ୍ଲା ନିକଟରେ ଉପଲବ୍ଧ ଥିବା ଅର୍ଥରାଶିକୁ ହିସାବକୁ ନେଲା ପରେ ଉପରୋକ୍ତ ବିନ୍ଦୁ (୨) ମତେ ପ୍ରଥମ ଛ ମାସ ପାଇଁ ପ୍ରଥମ କିସ୍ତିର ସମୁଦାୟ ଅର୍ଥରାଶିକୁ ମଞ୍ଜୁରି ଦିଆଯିବ ।

୪) ଯେଉଁ ଜିଲ୍ଲାମାନଙ୍କ ପାଖରେ ଖର୍ଚ୍ଚ ହୋଇନପାରି ବଳକା ଥିବା ଅର୍ଥରାଶିର ପରିମାଣ ପ୍ରଥମ କିସ୍ତିର ପରିମାଣ ଠାରୁ ବେଶୀ ଏବଂ ଏ ବାବଦରେ ସଂ ପୃକ୍ତ ରାଜ୍ୟ ସରକାର ଯଥାର୍ଥତା ଦର୍ଶାଇ ସାରିଛନ୍ତି, ସେପରି ସ୍ଥଳେ କ୍ଷମତା ସମ୍ପନ୍ନ କମିଟି କାମଚଳା (ଆଡ ହକ୍) ଉଦ୍ଦେଶ୍ୟରେ ଅର୍ଥ ରିଲିଜ୍ କରି ପାରନ୍ତି ।

୫) ଯେଉଁ ଶ୍ରମ ବଜେଟ୍ ଆଧାରରେ ପ୍ରଥମ କିସ୍ତି ରିଲିଜ୍ ହେବ, ତା'ର ପ୍ରସ୍ତୁତି କଲାବେଳେ ସମସ୍ତ ବୈଧାନିକ ବ୍ୟବସ୍ଥାଗୁଡିକର ପରିପାଳନ କରାଯାଇଛି ବୋଲି ଜିଲ୍ଲା ପରିଷଦଙ୍କ ତରଫରୁ ଏକ ପ୍ରମାଣପତ୍ର ବା ଅନୁମୋଦନର ନକଲ ଦାଖଲ ହୋଇଥିବା ଦରକାର ।

୬) ଅନୁମୋଦିତ ଶ୍ରମ ବଜେଟ୍‌ର ପ୍ରଥମ କିସ୍ତି ରିଲିଜ୍ କରିବା ପାଇଁ ଗତବର୍ଷର ପୂର୍ବବର୍ଷର ଅଡିଟ୍ ରିପୋର୍ଟ ଆବଶ୍ୟକ ପଡିବ ।

୭) ଚାର୍ଟରଡ୍ ଆକାଉଣ୍ଟାଣ୍ଟ୍ ଉକ୍ତ ଅଡିଟ୍ ରିପୋର୍ଟରେ ଏକଥା ପ୍ରମାଣୀକୃତ କରିଥିବେ ଯେ, ସେ ନିଜେ ଅନୁଧ୍ୟାନ ଓ ଯାଞ୍ଚ କରି ହୃଦ୍‌ବୋଧ କରିଛନ୍ତି ଯେ ଜିଲ୍ଲାର ବିନିଯୋଗ ପ୍ରମାଣପତ୍ର ଏବଂ ଅଡିଟ୍ ରିପୋର୍ଟ ସମୂହ ଯଥାର୍ଥ ଢଙ୍ଗରେ ପ୍ରସ୍ତୁତ ହୋଇଛି ଏବଂ କୌଣସି ସ୍ଥଳେ ବିହିତ ହୋଇଥିବା ଆର୍ଥିକ ନୀତିନିୟମରୁ ବିଚ୍ୟୁତି ଲକ୍ଷ୍ୟ କରାଯାଇନାହିଁ । ସେ ସଂପୃକ୍ତ ଜିଲ୍ଲାମାନଙ୍କର ବ୍ୟାଙ୍କ୍ ସଂଗତି (ରିକନ୍‌ସିଲିଏସନ୍) ବିବୃତ୍ତି ଗୁଡିକୁ ମଧ୍ୟ ଅନୁଧ୍ୟାନ ଓ ଯାଞ୍ଚ କରିଛନ୍ତି ବୋଲି ଦର୍ଶାଇବେ । ବ୍ଲକ୍ ଓ୍ୱାରି ଏବଂ ସଂସ୍ଥା ଓ୍ୱାରି ଖର୍ଚ୍ଚରାଶିକୁ ଯାଞ୍ଚ କଲାପରେ ସେଗୁଡିକ ଯଥାର୍ଥ ଅଛି ତଥା କୌଣସି ଅଗ୍ରୀମ ଅର୍ଥରାଶିକୁ ଖର୍ଚ୍ଚରାଶି ରୂପେ ଦର୍ଶିତ ହୋଇନାହିଁ ବୋଲି ସେ ମଧ୍ୟ ପ୍ରମାଣୀକୃତ କରିବେ । ଏହାଛଡା ଲବ୍‌ଧ ସୁଧରାଶିକୁ ଅଲଗା ଭାବେ ଦର୍ଶାଯାଇଛି ଏବଂ କାର୍ଯ୍ୟକ୍ରମ ପାଣ୍ଠି ଭିତରେ ଅନ୍ତର୍ଭୁକ୍ତ କରାଯାଇଛି ବୋଲି ସେ ମଦ୍ୟ ସୂଚାଇବେ ।

### ୮.୪.୩ ପ୍ରଥମକିସ୍ତି: ଖର୍ଚ୍ଚରାଶିର ହିସାବ-

(୧) ଗୋଟିଏ ଜିଲ୍ଲାରେ କର୍ମନିଯୁକ୍ତି ପାଇଁ ଦାବୀ କରୁଥିବା ପରିବାରଙ୍କ ଆକଳିତ ସଂଖ୍ୟା ସହିତ ପ୍ରତି ପରିବାର ଦାବୀ କରୁଥିବା ହାରାହାରି କାର୍ଯ୍ୟଦିବସ ସଂଖ୍ୟାକୁ ଗୁଣିଦେଲେ ପରବର୍ତ୍ତୀ ଆର୍ଥିକ ବର୍ଷ ପାଇଁ ମୋଟ କାର୍ଯ୍ୟଦିବସର ଆକଳିତ ସଂଖ୍ୟା ମିଳିଯିବ ।

(୨) ଅନୁଚ୍ଛେଦ ୮.୪.୧.(ବି) ରେ ହିସାବ କରାଯାଇଥିବା ମତେ ଗୋଟିଏ କାର୍ଯ୍ୟଦିବସ ପିଛା ଖର୍ଚ୍ଚ ଆଧାରରେ ଗୋଟିଏ ଜିଲ୍ଲାରେ ଆକଳିତ କାର୍ଯ୍ୟଦିବସ ସଂଖ୍ୟା ବାବଦରେ ମୋଟ୍ ଖର୍ଚ୍ଚରାଶି ଜଣାପଡିବ । ଗୋଟିଏ ଜିଲ୍ଲା ପାଇଁ ଆବଶ୍ୟକ ହେଉଥିବା ମୋଟ୍ ଅର୍ଥରାଶି ଜାଣିବା ପାଇଁ ଗୋଟିଏ କାର୍ଯ୍ୟଦିବସ ପିଛା ଖର୍ଚ୍ଚରାଶି ସହିତ ଆକଳିତ ହୋଇଥିବା ମୋଟ୍ କାର୍ଯ୍ୟଦିବସ ସଂଖ୍ୟାକୁ ଗୁଣିଦେବାକୁ ପଡିବ ।

(୩) ଗୋଟିଏ ଜିଲ୍ଲା ପାଇଁ କେତେ ଅର୍ଥରାଶି ଦେବା ସକାଶେ କେନ୍ଦ୍ର ସରକାରଙ୍କର ଦାୟିତ୍ୱ ରହିଛି, ତାହା ଜାଣିବା ପାଇଁ ଉପରୋକ୍ତ ବିନ୍ଦୁ (୨) ଅନିସାରେ ହିସାବ ହୋଇଥିବା ମଜୁରୀ ଖର୍ଚ୍ଚର ଶତକଡା ୧୦୦, ସାମଗ୍ରୀ ଖର୍ଚ୍ଚର ଶତକଡା ୭୫ ଏବଂ ଆନୁଷଙ୍ଗିକ ଖର୍ଚ୍ଚ ବାବଦକୁ ମୋଟ୍ ଖର୍ଚ୍ଚର (ଯୋହାକି ମୋଟ୍ ମଜୁରି ଖର୍ଚ୍ଚ ଏବଂ ମୋଟ୍ ସାମଗ୍ରୀ ଖର୍ଚ୍ଚ) ଶତକଡା ୪ କୁ ମିଶାଇବାକୁ ପଡିବ ।

## ୮.୪.୪ ଦ୍ୱିତୀୟ କିସ୍ତି

(ଏ) ପ୍ରଥମେ ମିଳିଥିବା ପାଣ୍ଠିର ଶତକଡା ୬୦ ଭାଗ ବିନିଯୋଗ କଲା ପରେ ରାଜ୍ୟ ସରକାର ଗ୍ରାମାଞ୍ଚଳ ବିକାଶ ମନ୍ତ୍ରଣାଳୟକୁ ଜାତୀୟ କର୍ମନିଯୁକ୍ତି ଗ୍ୟାରେଣ୍ଟି ପାଣ୍ଠିରୁ ପରବର୍ତ୍ତୀ କିସ୍ତି ରିଲିଜ୍ କରିବା ପାଇଁ ଆବେଦନ କରି ପାରନ୍ତି ।

(ବି) ଜିଲ୍ଲା ତରଫରୁ ରାଜ୍ୟ ସରକାରଙ୍କୁ ପରବର୍ତ୍ତୀ କିସ୍ତି ରିଲିଜ୍ ପାଇଁ କରାଯାଇଥିବା ଆବେଦନକୁ ଭିତ୍ତି କରି ରାଜ୍ୟ ସରକାରଙ୍କ ପ୍ରସ୍ତାବ ଆଧାରିତ ହୋଇଥିବ । ରାଜ୍ୟ/ଜିଲ୍ଲାମାନଙ୍କୁ ମନ୍ତ୍ରଣାଳୟରୁ ସ୍ୱୟଂଚାଳିତ ଭାବେ ପାଣ୍ଠି ରିଲିଜ୍‌ର କୌଣସି ବ୍ୟବସ୍ଥା ନାହିଁ । ଜିଲ୍ଲା ତରଫରୁ ପାଣ୍ଠି ପାଇଁ ପ୍ରଥମେ ଦାବୀ ଉଠି ନଥିଲେ ରାଜ୍ୟ ସରକାର କୌଣସି ଆର୍ଥିକ ପ୍ରସ୍ତାବ ଦାଖଲ କରି ପାରିବେ ନାହିଁ ।

(ସି) ଜିଲ୍ଲା ଦ୍ୱାରା ପ୍ରସ୍ତୁତ ହୋଇଥିବା ଆର୍ଥିକ ପ୍ରସ୍ତାବକୁ ରାଜ୍ୟ ସରକାର ଯାଞ୍ଚ କଲାପରେ ସୁପାରିଶ୍ କରିବା ଉଚିତ୍ ।

(ଡି) ଖର୍ଚ୍ଚରାଶି ଉପରେ ବିବୃତ୍ତି ସହିତ ପ୍ରସ୍ତାବକୁ ବିହିତ ହୋଇଥିବା ପ୍ରରୂପ (ଫର୍ମାଟ୍)ରେ ପ୍ରସ୍ତୁତ କରିବାକୁ ପଡିବ ।

(ଇ) ରାଜ୍ୟ ସରକାର ନିମ୍ନଲିଖିତ ସର୍ତ୍ତମାନ ପାଳନ କରିବା ଉପରେ ଦ୍ୱିତୀୟ କିସ୍ତିର ରିଲିଜ୍ ନିର୍ଭର କରେ-

**ଭୌତିକ-**

ଏମ୍.ଆଇ.ଏସ୍. / ମାସିକ ଅଗ୍ରଗତି ବିବରଣୀଗୁଡିକରେ ପ୍ରକୃତ କାର୍ଯ୍ୟ-ସଂପାଦନ ସମ୍ବନ୍ଧରେ ସୂଚୀତ ହୋଇଥିବା ତଥ୍ୟାବଳୀକୁ ଶ୍ରମ ବଜେଟ୍‌ରେ ସ୍ଥାନିତ ହୋଇଥିବା ପ୍ରକ୍ଷେପିତ ଆକଳନ ସହ ତୁଳନା କରାଯିବ ।

**ଆର୍ଥିକ-**

୧. ଅନ୍ତତଃ ଶତକଡା ୬୦ଭାଗ ବିନିଯୁକ୍ତ ହୋଇଥିବ (ଆଦ୍ୟ ବଳକା ସମେତ)

୨. ମଜୁରି ଓ ସାମଗ୍ରୀ ଖର୍ଚ୍ଚ ୬୦:୪୦ ଅନୁପାତରେ କରାଯିବାର ବିଧିକୁ ଅନୁପାଳନ କରାଯାଇଥିବ । ଅଣକୁଶଳୀ ମଜୁରି ବାବଦ ଖର୍ଚ୍ଚ ମୋଟ୍ ଅର୍ଥରାଶିର ଶତକଡା ୬୦ ଠାରୁ ଅଧିକ ହୋଇପାରେ, କିନ୍ତୁ ସାମଗ୍ରୀ ବାବଦ ଖର୍ଚ୍ଚ ଶତକଡା ୪୦କୁ ଟପିନଥିବ ।

୩. ମଜୁରୀ ହାରରେ କିଛି ପରିବର୍ତ୍ତନ ଘଟାଯିବାକୁ ଥିଲେ କେନ୍ଦ୍ର ସରକାରଙ୍କୁ ଏ ବିଷୟରେ ଆଗରୁ ଜଣାଇବାକୁ ପଡିବ, କାରଣ ଏହା ଫଳରେ କେନ୍ଦ୍ରର ଆର୍ଥିକ ଦାୟିତ୍ୱ ପ୍ରଭାବିତ ହେବ ।

୪. ହାର ସୂଚୀ (ସିଡ୍ୟୁଲ୍ ଅଫ୍ ରେଟ୍‌ସ୍) ଉପରେ ମନ୍ତ୍ରଣାଳୟର ନିର୍ଦ୍ଦେଶାବଳୀକୁ ଅନୁପାଳନ କଲେ କେନ୍ଦ୍ରର ଭାଗ ମଧ୍ୟ ପ୍ରଭାବିତ ହୋଇଥାଏ ।

**ପ୍ରଶାସନିକ-**

୧. ଭାରତ ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ କାର୍ଯ୍ୟକର୍ତ୍ତାମାନେ ନିଯୁକ୍ତ ହୋଇଥିବା କଥା ।

୨. ତଦାରଖ ଓ ଜନସଜାଗତା: ବ୍ଲକ୍ , ଜିଲ୍ଲା ଓ ରାଜ୍ୟ ସ୍ତରରେ ଯଥାକ୍ରମେ ଶତକଡା ୧୦୦, ୧୦ ଓ ୨ ତଥା ମଷ୍ଟର୍ ରୋଲ୍ କ୍ଷେତ୍ରରେ ଶରକଡା ୧୦୦ ଯାଞ୍ଚ ହୋଇଥିବ ।

୩. ଏମ୍.ଆଇ.ଏସ୍ (ସୂଚନା ବ୍ୟବସ୍ଥାର ପରିଚାଳନା) ସଂପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହୋଇଥିବ ତଥା ସତ୍ୟନିଷ୍ଠ ମାସିକ ଅଗ୍ରଗତି ବିବରଣୀଗୁଡିକ ଦାଖଲ ହୋଇଥିବ ।

**ସ୍ୱଚ୍ଛତା ଓ ସର୍ବସାଧାରଣଙ୍କ ପ୍ରତି ଉତ୍ତରଦାୟିତ୍ୱ-**

୧. ସମସ୍ତ କାର୍ଯ୍ୟର ସାମାଜିକ ସମୀକ୍ଷା

୨. ଅଭିଯୋଗଗୁଡିକର ସମୟୋଚିତ ଫଇସଲା ଏବଂ ଜାଣିଶୁଣି ଆଇନ୍‌ର ଉଲ୍ଲଂଘନ କରିଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ

୩. ମଜୁରି ବିତରଣ ପାଇଁ ବ୍ୟାଙ୍କ୍ ଓ ପୋଷ୍ଟ ଅଫିସ୍ ମାନଙ୍କରେ ଆକାଉଣ୍ଟ ଖୋଲାଯିବା

**ନିମ୍ନୋକ୍ତ ଦଲିଲ୍‌ଗୁଡିକ ସମ୍ବନ୍ଧରେ ସର୍ତ୍ତାବଳୀ-**

୧. ଚଳିତ ବର୍ଷର ୧ ଏପ୍ରିଲ୍‌ରେ ଦର୍ଶିତ ହୋଇଥିବା ଆଦ୍ୟ ବଳକା ସହିତ ଗତବର୍ଷର ୩୧ମାର୍ଚ୍ଚ ସୁଦ୍ଧା ବିନିଯୋଗ ପ୍ରମାଣପତ୍ରକୁ ଦାଖଲ କରିବାକୁ ପଡିବ ।

୨. ଅଦ୍ୟାବଧି ରିଲିଜ୍ ହୋଇଥିବା କେନ୍ଦ୍ରୀୟ ଅର୍ଥରାଶି ଅନୁପାତରେ ରାଜ୍ୟର ଅଂଶ ବାବଦକୁ କେତେ ଅର୍ଥରାଶି ରିଲିଜ୍ ଏବଂ ପ୍ରାପ୍ତ ହୋଇଛି, ସେ ସମ୍ବନ୍ଧରେ ପ୍ରମାଣପତ୍ର । ଏହା ସହିତ ରାଜ୍ୟ ଅଂଶକୁ ମଞ୍ଜୁରି ପ୍ରଦାନ କରିଥିବା ଆଦେଶର ନକଲ ଏବଂ ରାଜ୍ୟ ଅଂଶର ଦାଖଲକୁ ସୂଚାଉଥିବା ବ୍ୟାଙ୍କ୍ ବିବୃତ୍ତି ସଂଲଗ୍ନ କରିବାକୁ ପଡିବ । ବ୍ୟାଙ୍କ ବିବୃତ୍ତିକୁ ଶାଖା ପରିଚାଳକ ତଥା ଜିଲ୍ଲା ସ୍ତରରେ ଏନ୍.ଆର୍.ଇ.ଜି.ଏସ୍. ଆକାଉଣ୍ଟ୍ ଦାୟିତ୍ୱରେ ଥିବା ଦାୟିତ୍ୱ ନିର୍ବାହୀ ଅଧିକାରୀ ପ୍ରମାଣୀକୃତ କରିଥିବେ ।

୩. କୌଣସି ଅର୍ଥରାଶିକୁ ଅପ-ବିନିଯୋଗ ଓ ଆତ୍ମସାତ୍ କରାଯାଇ ନାହିଁ ବୋଲି ପ୍ରମାଣପତ୍ର ।

୪. ଅନ୍ୟ କୌଣସି ସର୍ତ୍ତ ଯଦି ସୂଚୀତ ହୋଇଥିବ ।

(ଏଫ୍) ପାଣ୍ଠିର ଦୁରୁପଯୋଗ କାରଣରୁ କେନ୍ଦ୍ର ସରକାର ଯେ କୌଣସି ଜିଲ୍ଲାକୁ ଅର୍ଥ-ସହାୟତା ସ୍ଥଗିତ କରିଦେଇପାରନ୍ତି । ପ୍ରତିକାରମୂଳକ ପଦକ୍ଷେପମାନ ନିଆଯିବା ପରେ ସହାୟତା ପୁଣି ଚାଲୁ ହୋଇପାରେ । ଏଭଳି ପରିସ୍ଥିତିରେ ପ୍ରଭାବିତ ଶ୍ରମିକମାନଙ୍କୁ କାର୍ଯ୍ୟକ୍ରମ ଅଧିକାରୀ ବିକଳ୍ପ କର୍ମନିଯୁକ୍ତି ସୁଯୋଗ ଯୋଗାଇ ଦେବେ ।

(ଜି) କେନ୍ଦ୍ରୀୟ ପାଣ୍ଠି ରିଲିଜ୍ ହେବାର ୧୫ଦିନ ମଧ୍ୟରେ ରାଜ୍ୟ ସରକାର ରାଜ୍ୟ ଅଂଶର ଅର୍ଥରାଶି ରିଲିଜ୍ କରିବେ ।

(ଏଚ୍) କେବଳ ଆଇନ୍ ଏବଂ ଏହି ମାର୍ଗଦର୍ଶୀକା ଅଧୀନରେ ଅନୁମୋଦନୀୟ ବୋଲି ବିବେଚିତ ହେଉଥିବା ଏନ୍.ଆର୍.ଇ.ଜି.ଏସ୍. କାର୍ଯ୍ୟ ଏବଂ ପ୍ରକ୍ରିୟାଗୁଡିକ ପାଇଁ କେନ୍ଦ୍ରୀୟ ସହାୟତା ମିଳି ପାରିବ ।

(ଆଇ) କ୍ଷେତ୍ରୀୟ ସ୍ତରରେ ଚାଲୁଥିବା କାର୍ଯ୍ୟପ୍ରକ୍ରିୟାଗୁଡିକର ଗୁଣାତ୍ମକ ମାନଦଣ୍ଡ ଏବଂ ସଚ୍ଚୋଟତା ଜାଣିବା ପାଇଁ ନମୁନା ଭିତ୍ତିରେ ନିରପେକ୍ଷ ସମୀକ୍ଷା ପରିଚାଳିତ ହେବ ଏବଂ ତହିଁର ଫଳାଫଳ ସହିତ ରିପୋର୍ଟଗୁଡିକରୁ ମିଳିଥିବା ତଥ୍ୟାବଳୀକୁ ଆଧାର କରି ପରବର୍ତ୍ତୀ କିସ୍ତିରେ କେତେ ପରିମାଣର କେନ୍ଦ୍ରୀୟ ସହାୟତା ପ୍ରଦାନ କରାଯିବ ତାହା ନିର୍ଣ୍ଣୀତ ହେବ ।

**୮.୪.୫ ଶ୍ରମ ବଜେଟ୍ ପାଇଁ ଫର୍ମାଟ୍: ସ୍ପଷ୍ଟୀକରଣାତ୍ମକ ବ୍ୟାଖ୍ୟା-**

ଶ୍ରମ ବଜେଟ୍ ପାଇଁ ଫର୍ମାଟ୍ ମାର୍ଗଦର୍ଶୀକାର ସଂଶ୍ଳିଷ୍ଟ ନଥିସଂଖ୍ୟା ବି-୧୫: ଭାଗ-୧(୩)ରେ ସ୍ଥାନିତ ହୋଇଛି । ତିନୋଟି ଭାଗ (ଭାଗ-୧, ଭାଗ-୨ ଓ ଭାଗ-୩)କୁ ଦାଖଲ କରିବାକୁ ପଡିବ । ପ୍ରତି ମାସରେ କାର୍ଯ୍ୟ ଦାବୀ କରୁଥିବା ପରିବାରମାନଙ୍କ ସମ୍ଭାବ୍ୟ ସଂଖ୍ୟା, ପ୍ରତି ମାସରେ ସୃଷ୍ଟି ହେବାକୁ ଥିବା କାର୍ଯ୍ୟଦିବସ ସଂଖ୍ୟା ଏବଂ ପ୍ରତି ଜିଲ୍ଲା ପାଇଁ ଉଦ୍ଦିଷ୍ଟ ଅନୁମୋଦନୀୟ କାର୍ଯ୍ୟଗୁଡିକ ସଂବନ୍ଧରେ ଏକ ଆକଳନକୁ ଉପସ୍ଥାପନ କରିବାର ଲକ୍ଷ୍ୟ ରଖି ଶ୍ରମ ବଜେଟ୍‌ର ଫର୍ମାଟ୍ ପ୍ରସ୍ତୁତ କରାଯାଇଛି ।

**ଭାଗ-୧ :ପ୍ରତିମାସରେ କାର୍ଯ୍ୟ ଚାହିଦା, କାର୍ଯ୍ୟ ଦିବସ ଓ ଖର୍ଚ୍ଚ ଆକଳନ (ପ୍ରତି ଜିଲ୍ଲା ପାଇଁ)-**

୪(ଏ, ବି, ଡି) ସ୍ତମ୍ଭଗୁଡିକ କାର୍ଯ୍ୟ ଦାବୀ କରୁଥିବା ପରିବାରସମୂହ ପାଇଁ ଉଦ୍ଦିଷ୍ଟ; ସ୍ତମ୍ଭ-୪ଏ ରେ ସୂଚୀତ ହେବ ଗତ ଆର୍ଥିକ ବର୍ଷର ସଂପୃକ୍ତ ମାସରେ ଯେତେ ସଂଖ୍ୟକ ନୂଆ ପରିବାରଙ୍କୁ କାର୍ଯ୍ୟ ଯୋଗାଇ ଦିଆଯାଇଥିଲା । ସ୍ତମ୍ଭ ୪-ବି ରେ ସୂଚୀତ ହେବ ଚଳିତ ଆର୍ଥିକ ବର୍ଷର ସଂପୃକ୍ତ ମାସରେ ଯେତେ ସଂଖ୍ୟକ ନୂତନ ପରିବାରଙ୍କୁ କାର୍ଯ୍ୟ ଯୋଗାଇ ଦିଆଯାଇଛି । ସଂପୃକ୍ତ ମାସ ପାଇଁ ଜିଲ୍ଲା ତରଫରୁ ମିଳିଥିବା ମାସିକ ଅଗ୍ରଗତି ବିବରଣୀ ସହିତ ଉପରୋକ୍ତ ତଥ୍ୟାବଳୀ ସଂଗତିଶୀଳ ହେଉଥିବା ଆବଶ୍ୟକ । ଯେହେତୁ ଶ୍ରମ ବଜେଟ୍ ଅତି ବେଶୀ ୩୧ ଜାନୁଆରୀ ସୁଦ୍ଧା ଶ୍ରମ ବଜେଟ୍ ଦାଖଲ ହେବା କଥା, ଚଳିତ ବର୍ଷ ପାଇଁ ଜାନୁଆରୀ, ଫେବୃଆରୀ ଓ ମାର୍ଚ୍ଚ ମାସ ସକାଶେ କାର୍ଯ୍ୟ ପାଇଁ ପରିବାରମାନଙ୍କ ଚାହିଦା

ସୂଚୀତ ହୋଇପାରେ । ସ୍ତମ୍ଭ ୪-ଡି ରେ ସୂଚୀତ ହେବ ପରବର୍ତ୍ତୀ ଆର୍ଥିକ ବର୍ଷର ସଂପୃକ୍ତ ମାସରେ ଯେତେସଂଖ୍ୟକ ପରିବାରଙ୍କୁ କାର୍ଯ୍ୟ ଯୋଗାଇ ଦିଆଯିବ, ତହିଁର ଏକ ଆକଳନ ।

ସ୍ତମ୍ଭ ୪(ଏ, ବି, ଡି) ପାଇଁ ଯଦି ଗୋଟିଏ ପରିବାର କୌଣସି ଏକ ମାସରେ କାର୍ଯ୍ୟ ପାଇଥାନ୍ତି ଏବଂ ପୁଣି ତା' ପର ମାସରେ ପାଇଥାନ୍ତି, ଏହାକୁ ଗୋଟିଏ ଥର ବୋଲି ଗଣାଯିବ ।

୫(ଏ, ବି, ଡି) ସ୍ତମ୍ଭଗୁଡିକ କାର୍ଯ୍ୟଦିବସ ସୃଷ୍ଟି ବିଷୟ ପାଇଁ ଉଦ୍ଦିଷ୍ଟ । ସ୍ତମ୍ଭ ୫ଏ ରେ ସୂଚୀତ ହେବ ଗତ ଆର୍ଥିକ ବର୍ଷରେ ସଂପୃକ୍ତ ମାସରେ ଯେତେ ସଂଖ୍ୟକ କାର୍ଯ୍ୟଦିବସ ସୃଷ୍ଟି ହୋଇଥିଲା । ସ୍ତମ୍ଭ ୫-ବି ରେ ସୂଚୀତ ହେବ ଚଳିତ ଆର୍ଥିକ ବର୍ଷର ସଂପୃକ୍ତ ମାସରେ ଯେତେ ସଂଖ୍ୟକ ନୂତନ କାର୍ଯ୍ୟଦିବସ ସୃଷ୍ଟି ହୋଇଛି । ସଂପୃକ୍ତ ମାସ ପାଇଁ ଜିଲ୍ଲା ତରଫରୁ ମିଳିଥିବା ମାସିକ ଅଗ୍ରଗତି ବିବରଣୀ ସହିତ ଉପରୋକ୍ତ ତଥ୍ୟାବଳୀ ସଂଗତିଶୀଳ ହେଉଥିବା ଆବଶ୍ୟକ । ଯେହେତୁ ଶ୍ରମ ବଜେଟ୍ ଅତି ବେଶୀ ୩୧ ଜାନୁଆରୀ ସୁଦ୍ଧା ଶ୍ରମ ବଜେଟ୍ ଦାଖଲ ହେବା କଥା, ଚଳିତ ବର୍ଷ ପାଇଁ ଜାନୁଆରୀ, ଫେବୃଆରୀ ଓ ମାର୍ଚ୍ଚ ମାସ ସକାଶେ ସୃଷ୍ଟ କାର୍ଯ୍ୟଦିବସ ସଂଖ୍ୟା ସୂଚୀତ ହୋଇପାରେ । ସ୍ତମ୍ଭ ୫-ଡି ରେ ସୂଚୀତ ହେବ ପରବର୍ତ୍ତୀ ଆର୍ଥିକ ବର୍ଷର ସଂପୃକ୍ତ ମାସରେ ଯେତେସଂଖ୍ୟକ କାର୍ଯ୍ୟଦିବସ ସୃଷ୍ଟି ହେବ, ତହିଁର ଏକ ଆକଳନ ।

୭(ଏ, ବି, ଡି) ସ୍ତମ୍ଭଗୁଡିକ ମଜୁରୀ ପାଇଁ ମୋଟ୍ ଖର୍ଚ୍ଚ ସକାଶେ ଉଦ୍ଦିଷ୍ଟ । ସ୍ତମ୍ଭ ୭ଏ ରେ ସୂଚୀତ ହେବ ଗତ ଆର୍ଥିକ ବର୍ଷର ସଂପୃକ୍ତ ମାସରେ ମୋଟ୍ ମଜୁରୀ ଖର୍ଚ୍ଚ । ସ୍ତମ୍ଭ ୭-ବି ରେ ସୂଚୀତ ହେବ ଚଳିତ ଆର୍ଥିକ ବର୍ଷର ସଂପୃକ୍ତ ମାସରେ ମୋଟ୍ ମଜୁରୀ ଖର୍ଚ୍ଚ । ସଂପୃକ୍ତ ମାସ ପାଇଁ ଜିଲ୍ଲା ତରଫରୁ ମିଳିଥିବା ମାସିକ ଅଗ୍ରଗତି ବିବରଣୀ ସହିତ ଉପରୋକ୍ତ ତଥ୍ୟାବଳୀ ସଂଗତିଶୀଳ ହେଉଥିବା ଆବଶ୍ୟକ । ଯେହେତୁ ଶ୍ରମ ବଜେଟ୍ ଅତି ବେଶୀ ୩୧ ଜାନୁଆରୀ ସୁଦ୍ଧା ଦାଖଲ ହେବା କଥା, ଚଳିତ ବର୍ଷ ପାଇଁ ଜାନୁଆରୀ, ଫେବୃଆରୀ ଓ ମାର୍ଚ୍ଚ ମାସ ସକାଶେ ମଜୁରୀ ଖର୍ଚ୍ଚ ସୂଚୀତ ହୋଇପାରେ । ସ୍ତମ୍ଭ ୭-ଡି ରେ ସୂଚୀତ ହେବ ପରବର୍ତ୍ତୀ ଆର୍ଥିକ ବର୍ଷର ସଂପୃକ୍ତ ମାସରେ ମଜୁରୀ ଖର୍ଚ୍ଚର ଏକ ଆକଳନ ।

୮(ଏ, ବି, ଡି) ସ୍ତମ୍ଭଗୁଡିକ ସାମଗ୍ରୀ ବାବଦରେ ମୋଟ୍ ଖର୍ଚ୍ଚ ସକାଶେ ଉଦ୍ଦିଷ୍ଟ, ଯେଉଁଥିରେ ଅନ୍ତର୍ଭୁକ୍ତ ରହିବ କୁଶଳୀ ଓ ଅର୍ଦ୍ଧ-କୁଶଳୀ ଶ୍ରମିକଙ୍କ ପାଇଁ ଖର୍ଚ୍ଚ ତଥା ସାମଗ୍ରୀ ଖର୍ଚ୍ଚ । ସ୍ତମ୍ଭ ୮ଏ ରେ ସୂଚୀତ ହେବ ଗତ ଆର୍ଥିକ ବର୍ଷର ସଂପୃକ୍ତ ମାସରେ ମୋଟ୍ ସାମଗ୍ରୀ ଖର୍ଚ୍ଚ । ସ୍ତମ୍ଭ ୮-ବି ରେ ସୂଚୀତ ହେବ ଚଳିତ ଆର୍ଥିକ ବର୍ଷର ସଂପୃକ୍ତ ମାସରେ ମୋଟ୍ ସାମଗ୍ରୀ ଖର୍ଚ୍ଚ । ସଂପୃକ୍ତ ମାସ ପାଇଁ ଜିଲ୍ଲା ତରଫରୁ ମିଳିଥିବା ମାସିକ ଅଗ୍ରଗତି ବିବରଣୀ ସହିତ ଉପରୋକ୍ତ ତଥ୍ୟାବଳୀ ସଂଗତିଶୀଳ ହେଉଥିବା ଆବଶ୍ୟକ । ଯେହେତୁ ଶ୍ରମ ବଜେଟ୍ ଅତି ବେଶୀ ୩୧ ଜାନୁଆରୀ ସୁଦ୍ଧା ଶ୍ରମ ବଜେଟ୍ ଦାଖଲ ହେବା କଥା, ଚଳିତ ବର୍ଷ ପାଇଁ ଜାନୁଆରୀ, ଫେବୃଆରୀ ଓ ମାର୍ଚ୍ଚ ମାସ ସକାଶେ ସାମଗ୍ରୀ ଖର୍ଚ୍ଚ ସୂଚୀତ ହୋଇପାରେ । ସ୍ତମ୍ଭ ୮-ଡି ରେ ସୂଚୀତ ହେବ ପରବର୍ତ୍ତୀ ଆର୍ଥିକ ବର୍ଷର ସଂପୃକ୍ତ ମାସରେ ସାମଗ୍ରୀ ଖର୍ଚ୍ଚର ଏକ ଆକଳନ ।

୯(ଏ, ବି, ସି, ଡି) ସ୍ତମ୍ଭଗୁଡିକ କେନ୍ଦ୍ର ଠାରୁ ମିଳିଥିବା ମୋଟ୍ ଅର୍ଥରାଶି ଏବଂ ଖର୍ଚ୍ଚ ସକାଶେ ଉଦ୍ଦିଷ୍ଟ । ସ୍ତମ୍ଭ ୯-ଏ ରେ ସୂଚୀତ ହେବ ଚଳତ ଆର୍ଥିକ ବର୍ଷର ସଂପୃକ୍ତ ମାସରେ କେନ୍ଦ୍ରରୁ ମିଳିଥିବା ଅର୍ଥରାଶି । ସ୍ତମ୍ଭ ୯-ବି ରେ ସୂଚୀତ ହେବ କେନ୍ଦ୍ର, ରାଜ୍ୟ ଓ ଅନ୍ୟାନ୍ୟ ବିବିଧ ସୂତ୍ରରୁ ଜିଲ୍ଲାକୁ ମିଳିଥିବା ଅର୍ଥରାଶି ତଥା ଆଦ୍ୟ ବଳକା । ସ୍ତମ୍ଭ ୯-ସିରେ ସୂଚୀତ ହେବ ଚଳିତ ଆର୍ଥିକ ବର୍ଷର ସଂପୃକ୍ତ ମାସରେ ଖର୍ଚ୍ଚରାଶି । ସ୍ତମ୍ଭ ୯-ଡି ରେ ସୂଚୀତ ହେବ ଖର୍ଚ୍ଚ ହୋଇ ପାରିନଥିବା ବଳକା ଅର୍ଥରାଶି, ଅର୍ଥାତ୍ ଖର୍ଚ୍ଚରାଶିକୁ ବାଦ୍ ଦେବା ପରେ ଉପଲବ୍ଧ ଅର୍ଥରାଶି ।

**ଭାଗ-୨ : ଜିଲ୍ଲା ଓ୍ୱାରି କାର୍ଯ୍ୟ ଚାହିଦା, କାର୍ଯ୍ୟଦିବସ ଏବଂ ଖର୍ଚ୍ଚ ସମ୍ବନ୍ଧରେ ଅଟକଳ**

୪(ଏ, ବି, ସି, ଇ) ସ୍ତମ୍ଭଗୁଡିକ କାର୍ଯ୍ୟ ଦାବୀ କରୁଥିବା ପରିବାରସମୂହ ପାଇଁ ଉଦ୍ଦିଷ୍ଟ; ସ୍ତମ୍ଭ-୪ଏ ରେ ସୂଚୀତ ହେବ ଗତ ଆର୍ଥିକ ବର୍ଷରେ ଯେତେ ସଂଖ୍ୟକ ନୂଆ ପରିବାରଙ୍କୁ କାର୍ଯ୍ୟ ଯୋଗାଇ ଦିଆଯାଇଥିଲା । ସ୍ତମ୍ଭ ୪-ବି ରେ ସୂଚୀତ ହେବ ଚଳିତ ଆର୍ଥିକ ବର୍ଷର ଯେତେ ସଂଖ୍ୟକ ନୂତନ ପରିବାରଙ୍କୁ କାର୍ଯ୍ୟ ଯୋଗାଇ ଦିଆଯାଇଛି । ସଂପୃକ୍ତ ମାସ ପାଇଁ ଜିଲ୍ଲା ତରଫରୁ ମିଳିଥିବା ମାସିକ ଅଗ୍ରଗତି ବିବରଣୀ ସହିତ ଉପରୋକ୍ତ ତଥ୍ୟାବଳୀ ସଂଗତିଶୀଳ ହେଉଥିବା ଆବଶ୍ୟକ । ଯେହେତୁ ଶ୍ରମ ବଜେଟ୍ ଅତି ବେଶୀ ୩୧ ଜାନୁଆରୀ ସୁଦ୍ଧା ଶ୍ରମ ବଜେଟ୍ ଦାଖଲ ହେବା କଥା, ଚଳିତ ବର୍ଷ ପାଇଁ ଜାନୁଆରୀ, ଫେବୃଆରୀ ଓ ମାର୍ଚ୍ଚ ମାସ ସକାଶେ କାର୍ଯ୍ୟ ପାଇଁ ପରିବାରମାନଙ୍କ ଚାହିଦା ସୂଚୀତ ହୋଇପାରେ । ସ୍ତମ୍ଭ ୪-ସି ରେ ସୂଚୀତ ହେବ ଚଳିତ ବର୍ଷରେ (ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ ଆକଳିତ) ପରିବାରମାନଙ୍କର କାର୍ଯ୍ୟ ପାଇଁ ମୋଟ୍ ଚାହିଦା । ସ୍ତମ୍ଭ ୪-ଇ ରେ ପରବର୍ତ୍ତୀ ଆର୍ଥିକ ବର୍ଷରେ  ଯେତେସଂଖ୍ୟକ ପରିବାରଙ୍କୁ କାର୍ଯ୍ୟ ଯୋଗାଇ ଦିଆଯିବ, ତହିଁର ଏକ ଆକଳନ । ସ୍ତମ୍ଭ ୪ କ୍ଷେତ୍ରରେ ଯଦି ଗୋଟିଏ ପରିବାର କୌଣସି ଏକ ମାସରେ କାର୍ଯ୍ୟ ପାଇଥାନ୍ତି ଓ ପୁଣି ପରବର୍ତ୍ତୀ ମାସରେ ମଧ୍ୟ ପାଇଥାନ୍ତି ତେବେ ଏହାକୁ ଗୋଟିଏ ଥର ବୋଲି ଗଣାଯିବ ।

୫(ଏ, ବି, ସି, ଇ) ସ୍ତମ୍ଭଗୁଡିକ ସୃଷ୍ଟି ହୋଇଥିବା କାର୍ଯ୍ୟଦିବସ ପାଇଁ ଉଦ୍ଦିଷ୍ଟ; ସ୍ତମ୍ଭ-୫ଏ ରେ ସୂଚୀତ ହେବ ଗତ ଆର୍ଥିକ ବର୍ଷରେ ଯେତେ ସଂଖ୍ୟକ କାର୍ଯ୍ୟଦିବସ ସୃଷ୍ଟି ହୋଇଥିଲା । ସ୍ତମ୍ଭ ୫-ବି ରେ ସୂଚୀତ ହେବ ଚଳିତ ଆର୍ଥିକ ବର୍ଷର ଯେତେ ସଂଖ୍ୟକ କାର୍ଯ୍ୟଦିବସ ସୃଷ୍ଟି ହୋଇଛି । ସଂପୃକ୍ତ ମାସ ପାଇଁ ଜିଲ୍ଲା ତରଫରୁ ମିଳିଥିବା ମାସିକ ଅଗ୍ରଗତି ବିବରଣୀ ସହିତ ଉପରୋକ୍ତ ତଥ୍ୟାବଳୀ ସଂଗତିଶୀଳ ହେଉଥିବା ଆବଶ୍ୟକ । ଯେହେତୁ ଶ୍ରମ ବଜେଟ୍ ଅତି ବେଶୀ ୩୧ ଜାନୁଆରୀ ସୁଦ୍ଧା ଶ୍ରମ ବଜେଟ୍ ଦାଖଲ ହେବା କଥା, ଚଳିତ ବର୍ଷ ପାଇଁ ଜାନୁଆରୀ, ଫେବୃଆରୀ ଓ ମାର୍ଚ୍ଚ ମାସ ସକାଶେ କାର୍ଯ୍ୟଦିବସ ସୃଷ୍ଟି ସମ୍ବନ୍ଧରେ ଏକ ଆକଳନ ଦିଆଯାଇ ପାରେ । ସ୍ତମ୍ଭ ୫-ସି ରେ ସୂଚୀତ ହେବ ଚଳିତ ବର୍ଷରେ (ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ ଆକଳିତ) କାର୍ଯ୍ୟ ଦିବସ ସଂଖ୍ୟା । ସ୍ତମ୍ଭ ୫-ଇ ରେ ପରବର୍ତ୍ତୀ ଆର୍ଥିକ ବର୍ଷରେ ଯେତେସଂଖ୍ୟକ କାର୍ଯ୍ୟଦିବସ ସୃଷ୍ଟି ହେବ  ତହିଁର ଏକ ଆକଳନ ।

୭(ଏ, ବି, ସି, ଇ) ସ୍ତମ୍ଭଗୁଡିକ ମୋଟ୍ ମଜୁରୀ ଖର୍ଚ୍ଚ ପାଇଁ ଉଦ୍ଦିଷ୍ଟ; ସ୍ତମ୍ଭ-୭ଏ ରେ ସୂଚୀତ ହେବ ଗତ ଆର୍ଥିକ ବର୍ଷରେ ମୋଟ୍ ମଜୁରୀ ଖର୍ଚ୍ଚ । ସ୍ତମ୍ଭ ୭-ବି ରେ ସୂଚୀତ ହେବ ଚଳିତ ଆର୍ଥିକ ବର୍ଷର ମୋଟ୍ ମଜୁରୀ ଖର୍ଚ୍ଚ । ସଂପୃକ୍ତ ମାସ ପାଇଁ ଜିଲ୍ଲା ତରଫରୁ ମିଳିଥିବା ମାସିକ ଅଗ୍ରଗତି ବିବରଣୀ ସହିତ ଉପରୋକ୍ତ ତଥ୍ୟାବଳୀ ସଂଗତିଶୀଳ ହେଉଥିବା ଆବଶ୍ୟକ । ଯେହେତୁ ଶ୍ରମ ବଜେଟ୍ ଅତି ବେଶୀ ୩୧ ଜାନୁଆରୀ ସୁଦ୍ଧା ଶ୍ରମ ବଜେଟ୍ ଦାଖଲ ହେବା କଥା, ଚଳିତ ବର୍ଷ ପାଇଁ ଜାନୁଆରୀ, ଫେବୃଆରୀ ଓ ମାର୍ଚ୍ଚ ମାସ ସକାଶେ ମୋଟ୍ ମଜୁରୀ ଖର୍ଚ୍ଚର ଏକ ଆକଳନ ସୂଚୀତ ହୋଇପାରେ । ସ୍ତମ୍ଭ ୭-ସି ରେ ସୂଚୀତ ହେବ ଚଳିତ ବର୍ଷରେ (ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ ଆକଳିତ) ମୋଟ୍ ମଜୁରୀ ଖର୍ଚ୍ଚ । ସ୍ତମ୍ଭ ୭-ଇ ରେ ପରବର୍ତ୍ତୀ ଆର୍ଥିକ ବର୍ଷର ସଂପୃକ୍ତ  ମାସରେ ମଜୁରୀ ଖର୍ଚ୍ଚର ଏକ ଆକଳନ ।

୮(ଏ, ବି, ସି, ଇ) ସ୍ତମ୍ଭଗୁଡିକ ସାମଗ୍ରୀ ବାବଦରେ ମୋଟ୍ ଖର୍ଚ୍ଚ ସକାଶେ ଉଦ୍ଦିଷ୍ଟ, ଯେଉଁଥିରେ ଅନ୍ତର୍ଭୁକ୍ତ ରହିବ କୁଶଳୀ ଓ ଅର୍ଦ୍ଧ-କୁଶଳୀ ଶ୍ରମିକଙ୍କ ପାଇଁ ଖର୍ଚ୍ଚ ତଥା ସାମଗ୍ରୀ ଖର୍ଚ୍ଚ । ସ୍ତମ୍ଭ ୮ଏ ରେ ସୂଚୀତ ହେବ ଗତ ଆର୍ଥିକ ବର୍ଷରେ ମୋଟ୍ ସାମଗ୍ରୀ ଖର୍ଚ୍ଚ । ସ୍ତମ୍ଭ ୮-ବି ରେ ସୂଚୀତ ହେବ ଚଳିତ ଆର୍ଥିକ ବର୍ଷରେ ମୋଟ୍ ସାମଗ୍ରୀ ଖର୍ଚ୍ଚ  । ସଂପୃକ୍ତ ମାସ ପର୍ଯ୍ୟନ୍ତ ଜିଲ୍ଲା ତରଫରୁ ମିଳିଥିବା ମାସିକ ଅଗ୍ରଗତି ବିବରଣୀ ସହିତ ଉପରୋକ୍ତ ତଥ୍ୟାବଳୀ ସଂଗତିଶୀଳ ହେଉଥିବା ଆବଶ୍ୟକ । ଯେହେତୁ ଶ୍ରମ ବଜେଟ୍ ଅତି ବେଶୀ ୩୧ ଜାନୁଆରୀ ସୁଦ୍ଧା ଦାଖଲ ହେବା କଥା, ଚଳିତ ବର୍ଷର ଜାନୁଆରୀ, ଫେବୃଆରୀ ଓ ମାର୍ଚ୍ଚ ମାସ ସକାଶେ ମଜୁରି ଖର୍ଚ୍ଚ ବିଷୟରେ ଅଗ୍ରୀମ ସୂଚନା ଦିଆଯାଇପାରେ । ସ୍ତମ୍ଭ ୮-ଇ ରେ ସୂଚୀତ ହେବ ପରବର୍ତ୍ତୀ ଆର୍ଥିକ ବର୍ଷର ସାମଗ୍ରୀ ଖର୍ଚ୍ଚର ଏକ ଆକଳନ ।

୯(ଏ, ବି, ସି, ଡି) ସ୍ତମ୍ଭଗୁଡିକ କେନ୍ଦ୍ର ଠାରୁ ମିଳିଥିବା ମୋଟ୍ ଅର୍ଥରାଶି ଏବଂ ଖର୍ଚ୍ଚ ସକାଶେ ଉଦ୍ଦିଷ୍ଟ । ସ୍ତମ୍ଭ ୯-ଏ ରେ ସୂଚୀତ ହେବ ଚଳତ ଆର୍ଥିକ ବର୍ଷର ସଂପୃକ୍ତ ମାସରେ କେନ୍ଦ୍ରରୁ ମିଳିଥିବା ଅର୍ଥରାଶି । ସ୍ତମ୍ଭ ୯-ବି ରେ ସୂଚୀତ ହେବ କେନ୍ଦ୍ର, ରାଜ୍ୟ ଓ ଅନ୍ୟାନ୍ୟ ବିବିଧ ସୂତ୍ରରୁ ଜିଲ୍ଲାକୁ ମିଳିଥିବା ଅର୍ଥରାଶି ତଥା ଆଦ୍ୟ ବଳକା । ସ୍ତମ୍ଭ ୯-ସିରେ ସୂଚୀତ ହେବ ଚଳିତ ଆର୍ଥିକ ବର୍ଷରେ ସଂପୃକ୍ତ ଜିଲ୍ଲାରେ ଖର୍ଚ୍ଚରାଶି । ସ୍ତମ୍ଭ ୯-ଡି ରେ ସୂଚୀତ ହେବ ଖର୍ଚ୍ଚ ହୋଇ ପାରିନଥିବା ବଳକା ଅର୍ଥରାଶି, ଅର୍ଥାତ୍ ଖର୍ଚ୍ଚରାଶିକୁ ବାଦ୍ ଦେବା ପରେ ଉପଲବ୍ଧ ଅର୍ଥରାଶି ।

**ଭାଗ-୧ ଏବଂ ଭାଗ-୨** ରେ ଗତ ଆର୍ଥିକ ବର୍ଷ କହିଲେ ଚଳିତ ଆର୍ଥିକ ବର୍ଷର ପୂର୍ବ ବର୍ଷକୁ ବୁଝାଇବ । ଚଳିତ ଆର୍ଥିକ ବର୍ଷ କହିଲେ ସେହି ବର୍ଷ ଯେବେ ଶ୍ରମ ବଜେଟ୍ ପ୍ରସ୍ତୁତ ହେଉଥାଏ । (ପ୍ରତି ବର୍ଷ ୩୧ ଜାନୁଆରୀ ସୁଦ୍ଧା ପର ଆର୍ଥିକ ବର୍ଷ ପାଇଁ ଶ୍ରମ ବଜେଟ୍ ଦାଖଲ ହେବା ଉଚିତ୍ ) । ପର ଆର୍ଥିକ ବର୍ଷ କହିଲେ ସେହି ବର୍ଷ ଯାହା ପାଇଁ ବଜେଟ୍ ପ୍ରସ୍ତୁତ ହେଉଥାଏ ।

**ଭାଗ-୩ : ସମ୍ପାଦିତ ହେବାକୁ ଥିବା କାର୍ଯ୍ୟସମୂହ, କାର୍ଯ୍ୟଦିବସ ସୃଷ୍ଟି ଏବଂ ମୋଟ୍ ଖର୍ଚ୍ଚ**

ଭାଗ-୩ରେ ବର୍ଷକ ପାଇଁ ଆକଳିତ କାର୍ଯ୍ୟ ଚାହିଦାକୁ ପୂରଣ କରିବା ସକାଶେ ଗ୍ରାମ ପଞ୍ଚାୟତ ଉନ୍ନୟନ ଯୋଜନାରୁ ସଂକଳିତ କରାଯାଇଥିବା କାର୍ଯ୍ୟସମୂହର ଏକ ବାର୍ଷିକ ପ୍ରକଳ୍ପ ଏବଂ ଆକଳିତ ଖର୍ଚ୍ଚରାଶିର ଏକ ସାରାଂଶ ସ୍ଥାନିତ ହୋଇଥାଏ ।

ଆଇନ୍‌ର ୧ମ ଅନୁସୂଚୀରେ ସୂଚୀତ ହୋଇଥିବା କାର୍ଯ୍ୟତାଲିକା ଅନୁସାରେ କାର୍ଯ୍ୟଗୁଡିକ ହାତକୁ ନିଆଯିବ । ଭାଗ-୩ରେ ଜିଲ୍ଲା ଓ୍ୱାରି କ୍ରମ-ମିଶ୍ରିତ ରୀତିରେ କାର୍ଯ୍ୟଦିବସ ସୃଷ୍ଟିର ଆକଳନ ଏବଂ ଉପର-ଦର୍ଶିତ ଭାଗ-୨ରେ କ୍ରମ-ମିଶ୍ରିତ ରୀତିରେ ଆକଳିତ କାର୍ଯ୍ୟଦିବସ ସଂଖ୍ୟା ଭିତରେ ତାଳମେଳ ରହିବା ଉଚିତ୍ ।

ପ୍ରତି ଧରଣର କାର୍ଯ୍ୟର ମାପ ପାଇଁ ଉଦ୍ଦିଷ୍ଟ ମାପ-ଏକକ ନିଶ୍ଚିତ ରୂପେ ସୂଚୀତ ହୋଇଥିବ ତଥା ତହାକୁ ନିଷ୍ଠାପର ଭାବେ ଅନୁସରଣ କରିବାକୁ ପଡିବ । ଅନେକ ଗୁଡିଏ କାର୍ଯ୍ୟରେ ଉଭୟ ପ୍ରକାର ଏକକ ପ୍ରୟୋଜନ ହୋଇଥାଏ, ଯଥା କାର୍ଯ୍ୟର ସଂଖ୍ୟା ଏବଂ ପୁଣି ହେକ୍ଟର୍, ବର୍ଗ ମିଟର୍ ଏବଂ କିଲୋମିଟର୍ ଭଳି ମାପର ଏକକ ବୁଝାଉଥିବା ଶବ୍ଦାବଳୀ । ପ୍ରତି ଧରଣର କାର୍ଯ୍ୟ-ଶ୍ରେଣୀ ଅଧୀନରେ ସୃଷ୍ଟି ହେଉଥିବା ସମ୍ପଦସମୂହ ଯଥା ଜଳାଶୟ, ପୋଖରୀ, ଝର କୂପ, ଆନିକଟ ଇତ୍ୟାଦି ବିଷୟରେ ସବିଶେଷ ବିବରଣୀ ରିପୋର୍ଟ ସହିତ ସଂଲଗ୍ନ ହୋଇଥିବା ଜରୁରୀ ।

**୮.୫ ଗ୍ରାମ ପଞ୍ଚାୟତମାନଙ୍କ ଦ୍ୱାରା ପାଣ୍ଠିର ରକ୍ଷଣାବେକ୍ଷଣ-**

୮.୫.୧ ଏନ୍.ଆର୍.ଇ.ଜି.ଏସ୍. କାର୍ଯ୍ୟଗୁଡିକର କାର୍ଯ୍ୟାନ୍ୱୟନ ପାଇଁ ପ୍ରତି ଗ୍ରାମ ପଞ୍ଚାୟତ କେବଳ ଗୋଟିଏ ମାତ୍ର ବ୍ୟାଙ୍କ ଆକାଉଣ୍ଟ ଖୋଲିବେ । ଏହି ଏନ୍.ଆର୍.ଇ.ଜି.ଏସ୍. ଆକାଉଣ୍ଟ୍ ଗ୍ରାମ ପଞ୍ଚାୟତର ଅଧ୍ୟକ୍ଷ ଏବଂ ସଂପାଦକଙ୍କ ଦ୍ୱାରା ଯୁଗ୍ମ ଭାବେ ପରିଚାଳିତ ହେବ ।

୮.୫.୨ ଏନ୍.ଆର୍.ଇ.ଜି.ଏସ୍. ଆକାଉଣ୍ଟରୁ ପ୍ରତି ଅର୍ଥ-ପଇଠ ବିଷୟରେ ଗ୍ରାମ ପଞ୍ଚାୟତର ପରବର୍ତ୍ତୀ ବୈଠକରେ ସୂଚନା ଦିଆଯିବ ଏବଂ ଏହା ସପକ୍ଷରେ ଅନୁମୋଦନ ନେବାକୁ ପଡିବ । ଯଦି କୌଣସି ଆପତ୍ତି ଉଠିଥାଏ, ତେବେ ତାହା ଲିପିବଦ୍ଧ ହେବ ଏବଂ ବୈଠକର ଧାରା-ବିବରଣୀର ଏକ ନକଲ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ କାର୍ଯ୍ୟକ୍ରମ ଅଧିକାରୀଙ୍କ ନିକଟକୁ ତୁରନ୍ତ ପଠାଇ ଦିଆଯିବ ।

୮.୫.୩ ଏନ୍.ଆର୍.ଇ.ଜି.ଏସ୍. ଆକାଉଣ୍ଟରୁ ଏନ୍.ଆର୍.ଇ.ଜି.ଏସ୍. କାର୍ଯ୍ୟାବଳୀ ପାଇଁ ପାଣ୍ଠି ଖର୍ଚ୍ଚ ହୋଇ ପାରିବ, କିନ୍ତୁ ଏଥି ପୂର୍ବରୁ ଏହି କାର୍ଯ୍ୟାବଳୀ ପାଇଁ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷମାନଙ୍କ ଠାରୁ ଆବଶ୍ୟକୀୟ ପ୍ରଶାସନିକ ଏବଂ ବୈଷୟିକ ମଞ୍ଜୁରି

ମିଳିସାରିଥିବା ଆବଶ୍ୟକ । ମଞ୍ଜୁରି ବିନା ଯଦି କୌଣସି ଅର୍ଥବ୍ୟୟ କରାଯାଇଥାଏ ତେବେ ଏଥିପାଇଁ ଗ୍ରାମ ପଞ୍ଚାୟତର ଅଧ୍ୟକ୍ଷ ବ୍ୟକ୍ତିଗତ ଭାବେ ଦାୟୀ ରହିବେ ।

୮.୫.୪ ଗୋଟିଏ ଗ୍ରାମ ପଞ୍ଚାୟତର ଏନ୍.ଆର୍.ଇ.ଜି.ଏସ୍. ସଂପର୍କୀତ ହିସାବପତ୍ର ପୂର୍ବରୁ ବିନିର୍ଦ୍ଦିଷ୍ଟ ହୋଇଥିବା ପ୍ରରୂପ(ଫର୍ମାଟ୍)ରେ ଗ୍ରାମସଭା ଦ୍ୱାରା ଯାଞ୍ଚ ପାଇଁ ଷାଣ୍ମାଷିକ ସାମାଜିକ ସମୀକ୍ଷା ବୈଠକରେ ଉପସ୍ଥାପିତ ହେବ ।

୮.୫.୫ ଗ୍ରାମ ପଞ୍ଚାୟତ ସ୍ତରରେ ଏନ.ଆର୍.ଇ.ଜି.ଏସ୍. ପାଣ୍ଠି କୌଣସି ପରିସ୍ଥିତିରେ ଭିନ୍ନ ଉଦ୍ଦେଶ୍ୟରେ ବ୍ୟବହୃତ ହୋଇପାରିବ ନାହିଁ । ଏନ୍.ଆର୍.ଇ.ଜି.ଏସ୍. ଆକାଉଣ୍ଟରୁ କରାଯାଉଥିବା ସମସ୍ତ ଅର୍ଥପଇଠ ବିଧିସମ୍ମତ ଉଦ୍ଦେଶ୍ୟରେ କରାଯିବାକୁ ସୁନିଶ୍ଚିତ କରିବା ପାଇଁ ଗ୍ରାମ ପଞ୍ଚାୟତର ଅଧ୍ୟକ୍ଷ ଏବଂ ସଂପାଦକ ଦାୟୀ ରହିବେ । ଏନ୍.ଆର୍.ଇ.ଜି.ଏସ୍. ପାଣ୍ଠିକୁ କୌଣସି ପ୍ରକାରେ ଯଦି ଭିନ୍ନ ଉଦ୍ଦେଶ୍ୟରେ ଅପବ୍ୟୟ କରାଯାଏ, ତେବେ ଏହାକୁ ଏକ ତୋଷରପାତ ବୋଲି ମନେ କରାଯିବ ଏବଂ ସଂପୃକ୍ତ ତୋଷରପାତ ଅର୍ଥକୁ ଅସୁଲ୍ କରାଯିବାର କାର୍ଯ୍ୟବିଧି ତୁରନ୍ତ ଆରମ୍ଭ କରାଯିବ ।

୮.୫.୬ ଗ୍ରାମ ପଞ୍ଚାୟତମାନେ ଯେଉଁ କାର୍ଯ୍ୟମାନ ସଂପାଦନ କରିବେ ବୋଲି ମଞ୍ଜୁରି କରାଯାଇଛି, ସେମାନେ କେବଳ ସେହିସବୁ କାର୍ଯ୍ୟ ପାଇଁ ଅର୍ଥବ୍ୟୟ କରିବା ପାଇଁ କ୍ଷମତାପ୍ରାପ୍ତ ହେବେ । ଗୋଟିଏ ଗ୍ରାମ ପଞ୍ଚାୟତକୁ ଆବଣ୍ଟିତ ହୋଇଥିବା ଅର୍ଥରାଶିର ଶତକଡା ୬୦ ଭାଗ ଖର୍ଚ୍ଚ ହୋଇସାରିବା ପରେ ସେ କାର୍ଯ୍ୟକ୍ରମ ଅଧିକାରୀ/ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକଙ୍କୁ ଅତିରିକ୍ତ ପାଣ୍ଠି ରିଲିଜ୍ ପାଇଁ ଆବେଦନ କରିପାରନ୍ତି । ଗ୍ରାମ ପଞ୍ଚାୟତର ପ୍ରସ୍ତାବ ସହ ଗ୍ରାମ ସଭା ଦ୍ୱାରା ବିଧିମତେ ଅନୁମୋଦିତ ହୋଇଥିବା ଏକ ବିବୃତ୍ତି ସଂଲଗ୍ନ ହୋଇଥିବ, ଯେଉଁଥିରେ ପ୍ରତି କାର୍ଯ୍ୟ ପିଛା ଖର୍ଚ୍ଚରାଶି ସହିତ ଜନସଜାଗତା ଓ ତଦାରଖ କମିଟିର ରିପୋର୍ଟ ମଧ୍ୟ ସ୍ଥାନିତ ହୋଇଥିବ ।

## ୮.୬ ମାସିକ ହିସାବ ମିଳାମିଳି-

୮.୬.୧ ଗଳାବାଟ ଦେଇ ଅର୍ଥରାଶିର ଦୁରୂପଯୋଗର ଆଶଙ୍କାକୁ ହ୍ରାସ କରିବା ପାଇଁ ତଥା ପାଣ୍ଠି ପରିଚାଳନାରେ ସ୍ୱଚ୍ଛତା ଏବଂ ନିର୍ଭୁଲତାକୁ ପ୍ରୋତ୍ସାହନ ଦେବା ପାଇଁ 'ମାସିକ ହିସାବ ମିଳାମିଳି'ର ଅଭ୍ୟାସ ଚାଲୁ କରିବା ଉଚିତ୍ । ଏଥି ପାଇଁ ଏନ୍.ଆର୍.ଇ.ଜି.ଏ. ଅଧୀନରେ ରିଲିଜ୍ ହୋଇଥିବା ସମସ୍ତ ଅର୍ଥରାଶି ନିମ୍ନୋକ୍ତ ତିନୋଟି ଶୀର୍ଷକ ଅଧୀନରେ ବ୍ୟାଖ୍ୟାୟିତ ହୋଇଥିବା ଜରୁରୀ –

(ଏ) ବିଭିନ୍ନ ସ୍ତରରେ ବ୍ୟାଙ୍କ୍ ଆକାଉଣ୍ଟରେ ଜମା ଥିବା ଅର୍ଥରାଶି ;

(ବି) ବିଭିନ୍ନ କାର୍ଯ୍ୟନିର୍ବାହୀ ବା ପ୍ରାପ୍ୟ ପାଇଁ ଦାବୀଦାର ସଂସ୍ଥାମାନଙ୍କୁ ପଇଠ କରାଯାଇଥିବା ଅଗ୍ରୀମ ଅର୍ଥରାଶି ;

(ସି) ପ୍ରକୃତରେ ଖର୍ଚ୍ଚ ହୋଇଥିବା ଅର୍ଥରାଶିର ରସିଦ୍ (ଭାଉଚର୍) ।

୮.୬.୨ ମାସିକ ଭିତ୍ତିରେ ମିଳାମିଳି କଲା ପରେ ଆକାଉଣ୍ଟ୍‌ଗୁଡିକର ସବିଶେଷ ତଥ୍ୟାବଳୀ ସର୍ବସାଧାରଣଙ୍କ ଗୋଚରାର୍ଥେ ଇଣ୍ଟରନେଟ୍‌ରେ ସେହି ସମସ୍ତ ସ୍ତରର ଅବଗତି ପାଇଁ ଉପଲବ୍ଧ ହେବା ଉଚିତ୍, ଯେଉଁଠି ସମ୍ମିଶ୍ରଣର କାର୍ଯ୍ୟ ସମ୍ପାଦିତ ହୋଇଥାଏ ।